## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ହାଟଡ଼ିହୀ,୮।୫ (ପାର୍ଥ ସୌରଭ ସା)

ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ବୁଧବାର ଢେଙ୍କା ଗ୍ରାମରେ ଚଢ଼ାଉ କରାଯାଇ ୧ କିଲୋ ୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ହାଟଡ଼ିହୀ ଅବକାରୀ ଥାନା ଏସ୍‌ଆଇ ସ୍ମିତା ବେହେରା, ଏଏସ୍‌ଆଇ ସୁଶାନ୍ତ ରାଉତ, ଘଟଗାଁ ଅବକାରୀ ଥାନା ଅଧିକାରୀ ସ୍ୱାଭିମାନ ବଡ଼ଜେନା, ଏଏସ୍‌ଆଇ ଲକ୍ଷ୍ମଣ ନାୟକ ପ୍ରମୁଖ ଢେଙ୍କା ଗ୍ରାମର ତୁଷାରକାନ୍ତ ନାୟକଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହିତ ତୁଷାରକାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

### ଅକରୁଆରେ ସତ୍ୟନାରାୟଣ ପାଲା

ସୋସୋ(ସତ୍ୟବ୍ରତ ଜେନା) / ହାଟଡିହୀ (ଶୁଭକାନ୍ତ ନାୟକ),୮।୫

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଅକରୁଆ ଗ୍ରାମରେ ସତ୍ୟନାରାୟଣ ପାଲା ଅନୁଷ୍ଠିତ ହେଇଯାଇଛି। ବରିଷ୍ଠ ପାଲା ଗାୟକ ବାଣୀକଣ୍ଠ ଗଗନ ବିହାରୀ ମହାପାତ୍ର ପାଲା ପରିବେଷଣ କରିଥିଲେ। ପାଲା କମିଟିର ସଦସ୍ୟ ପଦ୍ମନାଭ ଯେନା, ଭାଗୀରଥି ଖଟୁଆ, ବ୍ରହ୍ମାନନ୍ଦ ଯେନା, ମନୋଜ ଯେନା, ସତ୍ୟବ୍ରତ ଯେନା, ମୁରଲୀ ଯେନା, ଅଭିନ୍ନ ଖଟୁଆ, ଉମାକାନ୍ତ ଖଟୁଆ, ପ୍ରଫୁଲ୍ଲ ଖଟୁଆ, ପ୍ରଶାନ୍ତ ଯେନା, ତୈଲକ୍ୟ ଯେନା ପ୍ରମୁଖ ସହଯୋଗ କରିଥିଲେ।

### ସଢ଼ା, ଜମ୍ବୀରାରେ ଅଭିମନ୍ୟୁଙ୍କ ପ୍ରଚାର

ହାଟଡ଼ିହୀ,୮।୫(ପାର୍ଥ ସୌରଭ ସା)

କେନ୍ଦୁଝର ଲୋକ ସଭାକ୍ଷେତ୍ର ଅଧୀନ ଆନନ୍ଦପୁର ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସଢ଼ା ଓ ଜମ୍ବୀରା ପଞ୍ଚାୟତରେ ବୁଧବାର ପ୍ରଚାର କରିଛନ୍ତି। ବାଇକ ରାଲି ସହ ଘରକୁ ଘର ଯାଇ ପ୍ରଚାର କରିବା ସହିତ ବିଭିନ୍ନ ମନ୍ଦିର ମାନଙ୍କରେ ପୂଜାର୍ଚ୍ଚନା କରିଥିଲେ। ସଢ଼ା ପଞ୍ଚାୟତରେ ତାଙ୍କ ସହିତ ବୈଦ୍ୟନାଥ ସାମଲ, ପ୍ରଦୀପ ସାମଲ, ନୀଳକଣ୍ଠ ସାମଲ, ଜଗନ୍ନାଥ ନାୟକ, ପ୍ରସନ୍ନ ଦାସଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିବା ବେଳେ ଜମ୍ବୀରାରେ ପ୍ରଭାତ ରାଉତ, ଚଣ୍ଡୀ ପ୍ରସାଦ ରାଉତ, ସୁଧାଂଶୁ ଭୂଷଣ ମଲ୍ଲିକ, କାଳନ୍ଦୀ ସେଠୀ, ଗଣେଶ ଘଡେଇଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ମଇଦାନରେ ୧୩ ପ୍ରାର୍ଥୀ

ଆନନ୍ଦପୁର,୮।୫(ଉମେଶ ଚନ୍ଦ୍ର ପାଢ଼ୀ)

ଘସିପୁରା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥିପତ୍ର ଦାଖଲ କରିଥିବା ୧୩ ଜଣଙ୍କ ପ୍ରାର୍ଥିପତ୍ର କାୟମ ରହିଛି। ବିଜେଡିରୁ ବଦ୍ରି ନାରାୟଣ ପାତ୍ର, ବିଏସପିରୁ ବିଚିତ୍ର ପାତ୍ର, ଭାଜପାରୁ ଶମ୍ଭୁନାଥ ରାଉତ, ଜାତୀୟ କଂଗ୍ରେସରୁ ସୁବ୍ରତ କୁମାର ଚକ୍ର, ଏମଏଲଡିରୁ ଖଟୁଆ ଜୁଆଙ୍ଗ, କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟରୁ ଜଗବନ୍ଧୁ ମହାନ୍ତ, ଓଡ଼ିଶା ଜନତା ପାର୍ଟିରୁ ପ୍ରଭାତ ଦାସ, ଏଜେଏସ୍‌ୟୁରୁ ରତ୍ନାକର ମହାନ୍ତ, ସ୍ୱାଧୀନ ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଜ୍ଞାନାଲୋକ ପଣ୍ଡା, ଦେବେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ନାଥ ନାୟକ, ପ୍ରମିଳା ହାଁସଦାଙ୍କ ପ୍ରାର୍ଥିପତ୍ର କାୟମ ରହିଥିବା ରିଟର୍ନିଂ ଅଫିସରଙ୍କ ପକ୍ଷରୁ ସୂଚନା ମିଳିଛି। ଫଳରେ ମଇଦାନରେ ୧୩ ଜଣଙ୍କ ମଧ୍ୟରେ ଲଢ଼େଇ ହେବ।

# ରାସ୍ତା ଖୋଳିଦେଲେ, କାମ କରିବାକୁ ଭୁଲିଗଲେ

## ଠିକାଦାରଙ୍କ ମନମାନି, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ହାଟଡ଼ିହୀ,୮।୫(ପାର୍ଥସୌରଭ ସା)



କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଛେନାପଦି ନିକଟରେ ଥିବା ପୋଲର ସଂଯୋଗୀକରଣ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମରାମତି ପାଇଁ ୨ ମାସ ପୂର୍ବେ ଠିକାଦାର ଖୋଳିଥିବା ବେଳେ ଆଜି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ କରାଯାଉନାହିଁ। ଏପରିକି ନିୟମିତ ଦୁର୍ଘଟଣା ଘଟୁଥିଲେ ବି କାହାର ଏଥିପ୍ରତି ନଜର ନାହିଁ। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାସ୍ତାଟି ଛେନାପଦି-ହଦଗଡ଼ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଏହା ଜିଲାର ଏକ ପ୍ରମୁଖ ରାସ୍ତା ଭାବେ ପରିଗଣିତ ହୋଇଥାଏ। ରାସ୍ତା ଉପରେ ବ୍ଲକ୍‌ର ୧୦ ପଞ୍ଚାୟତ ସମେତ ଭଦ୍ରକ ଓ ବାଲେଶ୍ୱର ଜିଲାର ଅନେକ ହଜାର ଲୋକ ନିର୍ଭର କରିଥାନ୍ତି। ୨ ବର୍ଷ ତଳେ ୧୨କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ଉପରେ ବୈତରଣୀ କେନାଲ ପୋଲ ନିର୍ମାଣ କରାଯାଇଥିଲା। ସେତେବେଳେ ପୋଲର ସଂଯୋଗୀକରଣ ରାସ୍ତାଟି ନିର୍ମାଣର ଦିନ କେଇଟା ଭିତରେ ଦବିଯାଇଥିଲା। ଏପରିକି ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ ନୂଆ ମାଟି ପଡ଼ିଥିବାରୁ ଏପରି ହେଲା ବୋଲି କହି ଦୋଷଛଡ଼ା ହୋଇଥିଲେ। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ପୁନର୍ବାର ପିଚୁରାସ୍ତାକୁ ଖୋଳି ଗୋଟିଏପଟ ରାସ୍ତାକୁ କଂକ୍ରିଟ କରିଥିଲେ। କିନ୍ତୁ ଅନ୍ୟପଟ ରାସ୍ତାଟି ଭଗ୍ନ ଅବସ୍ଥାରେ ଦୀର୍ଘଦିନ ପଡ଼ିରହିବା ପରେ ଗତ ୨ ମାସ ତଳେ ଠିକାଦାର ରାସ୍ତାଟିକୁ ଖୋଳି ପକାଇ ଦେଇଛନ୍ତି। ଲୋକମାନେ ବହୁ ଅସୁବିଧା ଭୋଗ କରୁଥିଲେ ବି ମରାମତି କରିବାକୁ ଭୁଲିଯାଇଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଠିକାଦାରଙ୍କୁ ବାରମ୍ବାର କହୁଥିଲେ ବି ସେ କର୍ଣ୍ଣପାତ କରୁନାହାନ୍ତି। ଯଦି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନ ନିଅନ୍ତି ତେବେ ଲୋକମାନେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କୁ ପଚାରିବାରେ ସେ ଏ ବାବଦରେ ଜାଣି ନ ଥିଲେ। ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଭାଜପା ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ରାଲି



୨ ଭାଜପା ପ୍ରାର୍ଥୀ ଓ କର୍ମକର୍ତ୍ତା।

ବଡଲା,୮।୫(ଦୁର୍ଗା ପ୍ରସାଦ ଆୟଚ)/ ହାଟଡ଼ିହୀ(ପାର୍ଥ ସୌରଭ ସା)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ୩୫ ନଂ. ଜୋନ୍‌ରେ ବୁଧବାର ବାଇକ ରାଲି କରିଛନ୍ତି। ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିବାବେଳେ ଦୁଇ ପ୍ରାର୍ଥୀଙ୍କ ସହ ହାଟଡ଼ିହୀ ଭାଜପା କାର୍ଯ୍ୟାଳୟରୁ ବାହାରି ହାଟଡିହୀ, ମରେିଗାଁ, ଜମ୍ବିରା, ପନ୍ଦାଡ଼ୋ, ସଢ଼ା, ଢେଙ୍କା, ଶାସଙ୍ଗ ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ସମୟରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେଡିର ପଞ୍ଚାୟତସ୍ତରୀୟ ନିର୍ବାଚନୀ ବୈଠକ

ପାଟଣା,୮।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେଦେଇପଶି ଓ କଣ୍ଟିଆପଡ଼ା ପଞ୍ଚାୟତରେ ବୁଧବାର ପଞ୍ଚାୟତସ୍ତରୀୟ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଯୋଗଦେଇ ରାଜ୍ୟର ବିଜେଡି ସରକାରଙ୍କ ଲୋକ କଲ୍ୟାଣକାରୀ ଯୋଜନାଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ଆଗାମୀ ନିର୍ବାଚନରେ ଯୋଡ଼ି ଶଙ୍ଖରେ ଭୋଟଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ୍ ବିଜେଡି ସଭାପତି ମାଧବା ନନ୍ଦ ପୃଷ୍ଟି, ପାଟଣା ବ୍ଲକ୍ ଅଧକ୍ଷା ସୁକାନ୍ତି ନାଏକ, ବରିଷ୍ଠ ନେତା ସତ୍ୟବ୍ରତ ନାଏକ, ମିତ୍ରଭାନୁ ମହାନ୍ତଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

# ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ



ରାସ୍ତାରେ ବସିଥିବା ସ୍ଥାନୀୟ ମହିଳା, ପୁରୁଷମାନେ।

## ୩ ଘଣ୍ଟା ଯାତାୟାତ ବନ୍ଦ

ହାଟଡ଼ିହୀ,୮।୫(ପାର୍ଥ ସୌରଭ ସା)/ସୋସୋ (ସତ୍ୟବ୍ରତ ଜେନା )

କେନ୍ଦୁଝର ଜିଲା ହାଟଡ଼ିହୀ ନିସଙ୍ଗପୁର ରାସ୍ତା ନିର୍ମାଣ ଦାବିରେ ବୁଧବାର ୩ ଗ୍ରାମର ଲୋକେ ରାସ୍ତାରୋକ କରିଛନ୍ତି। ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବେଳେ କିଛି ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ତୁରନ୍ତ ସମସ୍ୟା ସମାଧାନ କରି ରାସ୍ତା ମରାମତି ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ ଚେତାବନୀ ଦେଇଥିଲେ।

ଅଭିଯୋଗ ମୁତାବକ, ରାସ୍ତା ଉପରେ ଏଲକଣା, ବର୍ଦ୍ଧନପୁର, ନିସଙ୍ଗପୁର ଆଦି ଗ୍ରାମର ଲୋକମାନେ ନିର୍ଭର କରିଥାନ୍ତି। ବ୍ଲକ୍ କାର୍ଯ୍ୟାଳୟଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ଏହି ଗାଁ ଗୁଡ଼ିକୁ ପକ୍କା ସଡ଼କ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରିଥାନ୍ତି। ବର୍ଷା ଦିନେ ପାଣି କାଦୁଅରେ ଲୋକେ ଘରୁ ବାହାରକୁ ବାହାରି ପାରି ନ ଥାନ୍ତି। ଆମ୍ବୁଲାନ୍ସ କିମ୍ବା ଦମକଳ ଗାଁକୁ ଯାଇପାରେନାହିଁ। ବାରମ୍ବାର ଦାବି ପରେ ଜିଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୩ କୋଟି ୯୮ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରାଯାଉଥିବା ବେଳେ ୧୪ ଏପ୍ରିଲ ୨୦୨୪ ରେ କାର୍ଯ୍ୟ ସମାପ୍ତ ହେବାକୁ ଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଅଧା କାମ ବି ସରିନି। ଠିକାଦାର କାମ କରିବାରେ ବିଳମ୍ବ କରୁଥିବା ବେଳେ ଅନ୍ୟପକ୍ଷରେ ମଙ୍ଗଳବାର ରାତିରେ କିଛି ଲୋକ ଠିକସଂସ୍ଥାର ମେସିନ୍‌କୁ ଭଙ୍ଗାରୁଜା କରିବା ସହିତ କାମ କରୁଥିବା ଠିକସଂସ୍ଥାର ଲୋକଙ୍କୁ ଘଉଡ଼ାଇ ଦେଇଛନ୍ତି। ଏ ନେଇ ଏଲକଣା ଓ ବର୍ଦ୍ଧନପୁର ଓ ନିସଙ୍ଗପୁର ଗ୍ରାମର ଗ୍ରାମବାସୀମାନେ ଆନନ୍ଦପୁର ଭଦ୍ରକ ରାସ୍ତାକୁ ହାଟଡ଼ିହୀ ନିକଟରେ ଅବରୋଧ କରିଥିଲେ। ଗ୍ରାମର ପଦ୍ମନାଭ ସା, ଶତ୍ରୁଘ୍ନ ରାଉତ, ଜ୍ୟୋତି ଶଙ୍କର ରାଉତ, ବିବେକାନନ୍ଦ ମିଶ୍ର, ହରମୋହନ ରାଉତ, ନାରାୟଣ ମିଶ୍ର, ମାନସ ସାବତ, ସୌମ୍ୟ ରାଉତ, ଶାନ୍ତିଲତା ସ୍ୱାଇଁ, ଫୁଲରାଣୀ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ରାସ୍ତାରୋକୋ କରି ଛାତ୍ରମାନେ ସ୍କୁଲ କଲେଜ ଆସିପାରୁନାହାନ୍ତି। ରୋଗୀଟିଏ ଡାକ୍ତରଖାନା ଯାଇ ପାରୁନି। ତେଣୁ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଚେତାବନୀ ଦେଇଥିଲେ। ଖବରପାଇ ହାଟଡିହୀ ତହସିଲଦାର ହାବିଲ ଖାଖା, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ନନ୍ଦିପଦା ଥାନା ଆଇଆଇସି ରବିନ୍ଦ୍ର ପାତ୍ର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକମାନେ ରାସ୍ତାରୁ ହଟିଥିଲେ। ଦୁଇଦିନ ଭିତରେ ବୈଠକ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଗ୍ରାମବାସୀ ମାନେ କହିଛନ୍ତି।

# ବ୍ଲକ୍ କଂଗ୍ରେସ ସଭାପତି ପଦବୀରୁ ଶତ୍ରୁଘ୍ନଙ୍କ ଇସ୍ତଫା

ପାଟଣା,୮।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଂଗ୍ରେସ କମିଟି ସଭାପତି ଶତ୍ରୁଘ୍ନ ସିଂହ ବୁଧବାର ନିଜ ପଦବୀ ସହ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦଳ ତଥା ପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ତାଙ୍କୁ ଅଣଦେଖା କରି ଥିବାରୁ ସେ ଇସ୍ତଫା ପତ୍ର ଜିଲା କଂଗ୍ରେସ ସଭାପତି ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା କହିଛନ୍ତି। ସେ ଗୁରୁବାର ବିଜେଡିରେ ଯୋଗ ଦେବେ ବୋଲି ମଧ୍ୟ କହିଛନ୍ତି।

# ଚବିଶ ପ୍ରହର ନାମଯଜ୍ଞ

ଯୋଡ଼ା,୮।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିଲେଇପଦାସ୍ଥିତ ହରେ କୃଷ୍ଣ ଯୁଥ କ୍ଲବ ଦ୍ୱାରା ୪ ଦିନ ଧରି ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ, କେନ୍ଦୁଝର ଜିଲାର କୀର୍ତ୍ତନ ଦଳ ଯୋଗଦେଇଥିଲେ। ଏଥିରେ ଚମକପୁର୍ ଦଣ୍ଡପାଟର ପୁରହିତ ମନୋଜ କର, ବୈଷ୍ଣବ ଶୁକ୍ରା ଦାସ ପୂଜା ଅର୍ଚ୍ଚନା କରିଥିଲେ। ରବି ଖିଲାର୍, ଅଜୟ ପଲେଇ, ସୁରେନ୍ଦ୍ର ବାରିକ କାର୍ଯ୍ୟ ସମାପନ କରିଥିଲେ। ବିଷ୍ଣୁ ଖିଲାର୍, ରାଜା ମହାକୁଡ, ଚତୁର୍ଭୁଜ ଖିଲାର୍, ମହେନ୍ଦ୍ର ଘଣା, ମୁକେସ ଖିଲାର୍, ହିତେଶ ଖିଲାର୍, ରାଜୁ ବାରିକ, ପପୁ ବାରିକ, ଜ୍ୟୋତି ମହାକୁଡ ପ୍ରମୁଖ ପରିଚାଳନା କରିଥିଲେ।

# ଆନନ୍ଦପୁରରେ ଜଣଙ୍କ ପ୍ରାର୍ଥିପତ୍ର ନାକଚ

ଆନନ୍ଦପୁର,୮।୫(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ୮ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମଙ୍ଗଳବାର ଯାଞ୍ଚ ପରେ ମୋ ଦଳର ପ୍ରାର୍ଥୀ କୁଳମଣି ସେଠୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିବା ରିଟର୍ନିଂ ଅଫିସର ତଥା ଆନନ୍ଦପୁର ଉପ ଜିଲାପାଳ ଫଲ୍‌ଗୁନୀ ମାଝୀ ସୂଚନା ଦେଇଛନ୍ତି। ଯାଞ୍ଚ ପରେ ଭାଜପାର ଆଲୋକ ସେଠୀ, କଂଗ୍ରେସର ଜୟଦେବ ଜେନା, ବିଏସପିର ଦେବେନ୍ଦ୍ର ଜେନା, ବିଜେଡିର ଅଭିମନ୍ୟୁ ସେଠୀ, ଏସୁସିଆଇର ନୀଳକଣ୍ଠ ଜେନା, ସ୍ୱାଧୀନ ପ୍ରାର୍ଥୀଭାବେ ବିଶ୍ୱ ପ୍ରତାପ ଜେନା, ଝାମ୍ପରାଣୀ ଦାସଙ୍କ ପ୍ରାର୍ଥିପତ୍ର କାୟମ ରହିଛି।

# ଗଛ ପଡ଼ି ୧ ଘଣ୍ଟା ରାସ୍ତା ଜାମ



ଗଛ ପଡି ରାସ୍ତା ଅବରୋଧ।

- କାଳବୈଶାଖୀ ତାଣ୍ଡବ
- ଉପଜିଲାପାଳଙ୍କ ଗାଡ଼ି, ଆମ୍ବୁଲାନ୍ସ ଅଟକିଲା

ଚମ୍ପୁଆ,୮।୫(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପବନ ପ୍ରଭାବରେ ରିମୁଳିରୁ ଚମ୍ପୁଆ ଜାତୀୟ ରାଜପଥ ୨୦ର ଚନ୍ଦ୍ରଶେଖର ମହାବିଦ୍ୟାଳୟ ନିକଟରେ ଏକ ବିରାଟ କାୟ ବରଗଛ ଭାଙ୍ଗି ଯିବାରୁ ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଫଳରେ ବହୁ ସଂଖ୍ୟାରେ ଗାଡ଼ି ଏପରିକି ସେଠାରେ ଅଟକି ରହିଥିଲା।

ସୂଚନା ଅନୁଯାୟୀ, ଅପରାହ୍ଣରେ କାଳ ବୈଶାଖୀ ଯୋଗୁ ଚନ୍ଦ୍ରଶେଖର ମହାବିଦ୍ୟାଳୟ ନିକଟରେ ଥିବା ଏକ ପୁରୁଣା ଗଛ ରାଜ ରାସ୍ତା ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ଉଭୟ ଆଡୁ ଯାଉଥିବା ୪ ଚକିଆ ଯାନ, ଯାତ୍ରୀବାହୀ ବସ, ବାଇକ୍, ଆମ୍ବୁଲାନ୍ସ ଓ ଉପ ଜିଲାପାଳଙ୍କ ଗାଡ଼ି ମଧ୍ୟ ଅଟକି ରହିଥିଲା। ଏ ନେଇ ସେଠାରେ ଅଟକି ରହିଥିବା ଗଣମାଧ୍ୟମର ପ୍ରତିନିଧିମାନେ ଅଗ୍ନିଶମ ବିଭାଗ ଓ ଚମ୍ପୁଆ ଥାନା ଅଧିକାରିଣୀଙ୍କୁ ସୂଚନା ଦେଇଥିଲେ। ପରେ ଅଗ୍ନିଶମ ବିଭାଗ ଓ ପୋଲିସ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଗଛଟିକୁ କାଟିବା ସହିତ ଜେସିବି ମେସିନ ସହାୟତାରେ ରାସ୍ତାରୁ କାଢ଼ିଥିଲେ। ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଟିଏସ୍‌ଏଫ୍ ପକ୍ଷରୁ ମହିଳାଙ୍କୁ ଡ୍ରାଇଭିଂ ପ୍ରଶିକ୍ଷଣ

କେନ୍ଦୁଝର,୮।୫(ନରେଶ ଚନ୍ଦ୍ର ପଟ୍ଟନାୟକ)/ଯୋଡ଼ା( ମାନସ ମହାନ୍ତି)

ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ)ର କଳମଙ୍ଗ ୟୁନିଟ ପକ୍ଷରୁ କଳମଙ୍ଗ ଏବଂ ଗନ୍ଧଲପଦା ଅଞ୍ଚଳର ଯୁବତୀ, ମହିଳାଙ୍କୁ ହାଲୁକା ମୋଟର ଯାନ (ଏଲଏମଭି) ଗାଡ଼ି ଚାଳନା (ଡ୍ରାଇଭିଂ) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦୁର୍ଗମ ଅଞ୍ଚଳର ମହିଳାଙ୍କୁ ସଶକ୍ତ କରିବା, ଆତ୍ମନିର୍ଭରଶୀଳ ହେବା ପାଇଁ ଦକ୍ଷତା ପ୍ରଦାନ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଟାଟା ଷ୍ଟିଲ ଫାଉଣ୍ଡେସନ ସହାୟତାରେ ଅଞ୍ଚଳର ୩୦ ମହିଳାଙ୍କୁ ଏକ ମାସ ପାଇଁ ମା' ଭବାନୀ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ସହଯୋଗିତାରେ ପ୍ରଶିକ୍ଷଣ ଦିଆଯାଇଥିଲା। ନିକଟରେ କେନ୍ଦୁଝର ଜିଲାର ଗୁଆଲିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଡ଼ି ଚାଳନା ପ୍ରଶିକ୍ଷଣରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୨୭ କୃତୀ ମହିଳାଙ୍କୁ ସାର୍ଟିଫିକେଟ ଏବଂ ଗାଡ଼ି ଚାଳନା ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ କେନ୍ଦୁଡିହି ଗ୍ରାମର ମିତାରାଣୀ ନାଏକ, କଳମଙ୍ଗ ଗ୍ରାମର ପୁନମ ବେହେରା କୁହନ୍ତି, ଟିଏସ୍‌ଏଫ୍‌ର ଏଭଳି ପ୍ରଶିକ୍ଷଣ ଆମ ମାନଙ୍କର ମନୋବଳ ବୃଦ୍ଧି କରାଇବା ସହ ଆମକୁ ରୋଜଗାର କରିବାର ନୂଆ ବାଟ ଦେଖାଇଛି। ଏହା ଆମ ପାଇଁ ନିଶ୍ଚିତ ଭାବରେ ଏକ ଗର୍ବର ବିଷୟ। ଏହାବ୍ୟତୀତ, ସାମାଜିକ ପ୍ରତିବନ୍ଧକଗୁ ସମାଧାନ କରିବା ସହ ଏହା ଲିଙ୍ଗଗତ ସମାନତା ଓ ସଶକ୍ତୀକରଣ ଏବଂ ଅଧିକ ଅନ୍ତର୍ଭୁକ୍ତୀକରଣ ସମାଜକୁ ପ୍ରୋତ୍ସାହିତ କରୁଛି।

# କାର୍ଯ୍ୟାଳୟ ଘେରିଲେ ଅଭିଭାବକ

## ଟାଟା ଷ୍ଟିଲ ସ୍କୁଲରେ ନାମଲେଖା ବାତିଲ

ଯୋଡ଼ା,୮।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ପଶ୍ଚିମ ଯୋଡ଼ାସ୍ଥିତ ବହୁ ପୁରାତନ ଟାଟା ଷ୍ଟିଲ ପ୍ରାଇମେରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ନୂତନ ନାମ ଲେଖାକୁ ସ୍କୁଲ ପକ୍ଷରୁ ବାତିଲ କରି ଦିଆଯାଇଛି। ଏ ନେଇ ଅସନ୍ତୋଷ ବ୍ୟକ୍ତି କରି ଭାରତର ଅଗ୍ରଣୀ ଟାଟା ଖଣି ଓ ଶିଳ୍ପ କମ୍ପାନୀର ପଶ୍ଚିମ ଯୋଡ଼ାସ୍ଥିତ କାର୍ଯ୍ୟାଳୟକୁ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଅଭିଭାବକ ଘେରିଛନ୍ତି।

ସୂଚନା ମୁତାବକ, ଟାଟା ଷ୍ଟିଲ ପ୍ରାଇମେରୀ ସ୍କୁଲରେ ନୂତନ ନାମ ଲେଖାକୁ ସ୍କୁଲ ପକ୍ଷରୁ ବାତିଲ କରି ଦିଆଯାଇଛି। ନୂତନ ନାମ ଲେଖାଇବା ପାଇଁ ସ୍ଥାନୀୟ ଅଭିଭାବକମାନେ ଯାଇ ସ୍କୁଲରେ ପହଞ୍ଚିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ମନା କରିଥିଲେ। ଏହାର କାରଣ ସମ୍ପର୍କରେ ଅଭିଭାବକ ସୀତାରାମ ପୃଷ୍ଟି, ଆକାଶ ପ୍ରଧାନ, ସନିଆ ନାଏକ, ବୁଧିରାମ ମହାରଣା, ରଞ୍ଜିତ ବୁଙ୍କୁରୁ, ଜଗଦୀଶ ପାତ୍ର ପଚାରିବାରୁ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ବାରଣ କରିଥିବା କୁହାଯାଇଥିଲା। ପରେ ସ୍ଥାନୀୟ ଅଭିଭାବକ ବୁଧବାର ପୂର୍ବାହ୍ନରେ ପଶ୍ଚିମ ଯୋଡ଼ାସ୍ଥିତ ଯୋଡ଼ା ସେଣ୍ଟ୍ରାଲ ଅଫିସକୁ ଯାଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୬ତାରିଖରୁ ନୂତନ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଧିକାରୀ କହିଥିଲେ। ପରେ ଅଭିଭାବକ ଟିଏସଏଫ ( ଟାଟା ଷ୍ଟିଲ ଫାଉଣ୍ଡେସନ )ଅଧିକାରୀ ରବୀନ୍ଦ୍ର କୁମାରଙ୍କୁ ଭେଟିଥିଲେ। ଏହାର ସମାଧାନ ନ ବାହାରିଲେ ପୁରାତନ ସ୍କୁଲକୁ ରକ୍ଷା କରିବା ପାଇଁ ୧୪ଟି ୱାର୍ଡର ଅଭିଭାବକ ମାନେ ଧାରଣାରେ ବସିବେ ବୋଲି ପୂର୍ବତନ କାଉନସିଲର ସୈଳେନ୍ଦ୍ର ଜୋରା ଚେତାବନୀ ଦେଇଛନ୍ତି। ଏ ନେଇ ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେସନ ଅଧିକାରୀ ଶୁଭଙ୍କର ବେହେରା କହିଛନ୍ତି, ପାଠ୍ୟକ୍ରମରେ କୌଣସି ଉନ୍ନତୀକରଣ ପାଇଁ କମ୍ପାନୀ ଚିନ୍ତା କରୁଥାଇପାରେ। ଟିଏସଏଫର ଅଧିକାରୀ ରବୀନ୍ଦ୍ର କୁମାର ଏ ନେଇ ଅଧିକ ସୂଚନା ଦେଇ ପାରିବେ। ଟିଏସଏଫ ଅଧିକାରୀ ରବୀନ୍ଦ୍ର କୁମାର କହିଛନ୍ତି, କ୍ୱାଲିଟି ଏଜୁକେଶନ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି। ଆଲୋଚନା ପରେ ହିଁ ଏହାର ନିଷ୍କର୍ଷ ବାହାରିବ।



ଅଭିଭାବକମାନେ ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

# ଜାଳେଣିର ବିକଳ୍ପ ଶୁଖିଲା ପତ୍ର

କେନ୍ଦୁଝର,୮।୫(ନରେଶ୍ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ମନୁଷ୍ୟ ସଭ୍ୟତା ସହ ଜଙ୍ଗଲ ବହୁଆଗରୁ ଜଡ଼ିତ। ଜଙ୍ଗଲ ଖାଦ୍ୟ, ବସ୍ତ୍ର, ବାସ ଆଦି ଯୋଗାଇ ଦେଇଥାଏ। ବର୍ତ୍ତମାନ ସମୟରେ ବିଭିନ୍ନ କାରଣରୁ ଜଙ୍ଗଲ ଓ ପରିବେଶର ଅବକ୍ଷୟ ହେବାକୁ ଲାଗିଥିବାରୁ ଜଳବାୟୁରେ ପରିବର୍ତ୍ତନ ଘଟୁଛି। ତେଣୁ ଏବେ ଜଙ୍ଗଲର ଉପାଦେୟତା ସମସ୍ତେ ବୁଝି ପାରୁଛନ୍ତି। ବିଶେଷକରି ଜାଳେଣି ପାଇଁ କାଠର ଆବଶ୍ୟକତା ରହିଛି। ଏହାର ବିକଳ୍ପ ଭାବେ ଯଦିଓ ଗ୍ୟାସ୍, ବିଦ୍ୟୁତ୍ ହିଟର ରହିଛି, ତାହା ବ୍ୟୟବହୁଳ ଓ ଚାହିଦା ମୁତାବକ ମିଳୁ ନ ଥିବାରୁ ଲୋକମାନେ ଜଙ୍ଗଲ ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ଜଙ୍ଗଲର ସୁରକ୍ଷା, ଜଙ୍ଗଲକୁ ଭୟାବହ ଅଗ୍ନିକାଣ୍ଡରୁ ରକ୍ଷାକରିବା ପାଇଁ କେନ୍ଦୁଝର ଜିଲାର ବହୁ ଅଞ୍ଚଳରେ ମହିଳାମାନେ ଶୁଖିଲା ପତ୍ରକୁ ସଂଗ୍ରହ କରି ଜାଳେଣି ରୂପେ ବ୍ୟବହାର କରୁଛନ୍ତି। ଯଦିଓ ଏହା ଜାଳେଣି ସମସ୍ୟାକୁ ସମ୍ପୂର୍ଣ୍ଣ ଦୂର କରିପାରୁନାହିଁ ତଥାପି ଏହା ଦ୍ୱାରା ଜଙ୍ଗଲର ସୁରକ୍ଷା କରାଯାଇପାରୁଛି। ପତ୍ର ସଂଗ୍ରହକାରୀ ଶୁଖିଲା ପତ୍ରକୁ ଗୋଟାଇ ଆଣୁଥିବାରୁ ଜଙ୍ଗଲରେ ନିଆଁ ବ୍ୟାପିବା ଆଶଙ୍କା କମୁଛି।

ପ୍ରକାଶ ଯେ, ସାଧାରଣତଃ ବସନ୍ତ ଋତୁରେ ଗଛରୁ ପତ୍ରଝଡ଼ା ଦିଏ। କେନ୍ଦୁଝର ଜିଲା ଜଙ୍ଗଲଗୁଡ଼ିକରେ ଶାଳଗଛ ଅଧିକ ଥିବାରୁ ଲୋକମାନେ ସେଥିରୁ ଝଡୁଥିବା ଶୁଖିଲା ପତ୍ର ସଂଗ୍ରହ କରିଥାନ୍ତି। ଜିଲାର ସଦର, ପାଟଣା, ଘଟଗାଁ, ସାହାରପଡ଼ା, ଝୁମ୍ପୁରା, ଚମ୍ପୁଆ, ବାଂଶପାଳ, ତେଲକୋଇ ଆଦି ବ୍ଲକ୍ ଅଞ୍ଚଳରେ ଅନେକ ପରିବାର ଶୁଖିଲା ପତ୍ର ସଂଗ୍ରହ କରି ଜାଳେଣି ଭାବେ ବ୍ୟବହାର କରିଥାନ୍ତି। ଲୋକମାନେ ସଂରକ୍ଷିତ ଓ ଗ୍ରାମ ନିକଟରେ ଥିବା ଶାଳ, ଆକାଶିଆ, ୟୁକାଲପଟାସ, ଝାଉଁ ଆଦି ଜଙ୍ଗଲରୁ ଜାଳେଣି ପାଇଁ ତଳେ ପଡ଼ିଥିବା ଶୁଖିଲା ପତ୍ରକୁ ଝାଡୁରେ ସାଉଁଟି ଜାଲିରେ ଭର୍ତ୍ତିକରି ଘରକୁ ବୋହିନିଅନ୍ତି। ଅନେକ ଅଞ୍ଚଳରେ ଗ୍ରାମ କମିଟି ଗଠନ କରି ଏହି ଶୁଖିଲା ପତ୍ରକୁ ବିକ୍ରିକରି ରୋଜଗାର କରିଥାନ୍ତି। ଏହି ଅର୍ଥରେ ଜଙ୍ଗଲ ଦେଖାରଖା କରିଥାନ୍ତି। ଗଛକଟା ଉପରେ କଟକଣା ଲାଗୁହେବା ସହ ବନ ସୁରକ୍ଷା ସମିତିଗୁଡ଼ିକର ଜଙ୍ଗଲର ସୁରକ୍ଷା ପାଇଁ କଡ଼ା ଆଭିମୁଖ୍ୟ ରହିଛି। ଏଣୁ ଏଭଳି ସ୍ଥିତିରେ ଶୁଖିଲା ପତ୍ରକୁ ଜାଳେଣି ଭାବେ ବ୍ୟବହାର କରାଯାଉଛି। ଏପରିକି ଶୁଖିଲା ପତ୍ରକୁ ଜଙ୍ଗଲରୁ ସଂଗ୍ରହକରି ବର୍ଷକ ପାଇଁ ସାଇତି ରଖିଥାନ୍ତି। ଏହା ଫଳରେ ଜଙ୍ଗଲରେ ନିଆଁ ଲାଗିବା କମିବା ସହ କମ୍ ଖର୍ଚ୍ଚରେ ଜାଳେଣି ମିଳିପାରୁଛି ବୋଲି କେରୀ ଗ୍ରାମର ବେଣୁଧର ମହାନ୍ତ କହିଛନ୍ତି। ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଏହାଦ୍ୱାରା ଜାଳେଣି ସମସ୍ୟା ଦୂରହେବା ସହ ଜଙ୍ଗଲ ଓ ପରିବେଶର ସୁରକ୍ଷା କରାଯାଇ ପାରୁଥିବାରୁ ଏଥିପାଇଁ ଅଧିକ ଜନସଚେତନତାର ଆବଶ୍ୟକତା ରହିଛି। ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି, ଏହି ପତ୍ର ବିକି ଅନେକେ ଚଳୁଛନ୍ତି। ଏହାକୁ ଠିକ୍ ଭାବରେ ସାଇତି ନ ରଖିଲେ ନିଆଁ ଲାଗିବାର ସମ୍ଭାବନା ରହୁଛି । ଫଳରେ ବ୍ୟାପକ କ୍ଷତି ଘଟାଇବ। ଏଣୁ ଏ ଦିଗରେ ସଚେତନତା ସୃଷ୍ଟିହେବା ଆବଶ୍ୟକ। ଏଥିସହ ଏମାନେ ଜଙ୍ଗଲ ସୁରକ୍ଷାରେ ସହାୟକ ହେଉଥିବାରୁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଉଚିତ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କଂଗ୍ରେସର କର୍ମୀ ସମ୍ମିଳନୀ

ଅସୁରାଳି,୮।୫(ସନ୍ତୋଷ ପ୍ରଧାନ): ଭଦ୍ରକ ଧାମନଗର କଂଗ୍ରେସ ତରଫରୁ ଧୃଷ୍ଟୁରିଠାରେ କର୍ମୀସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରା ଏବଂ ଲୋକସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କୁ କର୍ମୀମାନେ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷି ଥିଲେ। କଂଗ୍ରେସର ଜନହିତକର ନିର୍ବାଚନୀ ଇସ୍ତାହାର ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁମିତା ସେଠୀ, ଜିଲା କଂଗ୍ରେସ ଉପସଭାପତି ଦେବରୁପ ମହାନ୍ତି, ଦଳିତ ସେଲ ଜିଲା ସଭାପତି ରାଜେନ୍ଦ୍ର ଯେନା, ଜିଲା ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ଜ୍ୟୋତିପ୍ରକାଶ ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ନାରାୟଣ ଚନ୍ଦ୍ର ପାଢୀ, ପୂର୍ବତନ ବ୍ଲକ୍ ସଭାପତି ନରେନ୍ଦ୍ର ମଲ୍ଲିକ ଓ ଅଭିଷେକ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ମଞ୍ଚ ଉପରେ ଧାମନଗରର ବିକାଶ ପୁରୁଷ ତିନି ତିନି ଥର ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ଫଟୋ ଚିତ୍ର ନ ଥିବାରୁ କେତେକ କର୍ମୀ ସଭାସ୍ଥଳ ଛାଡ଼ି ପଳାଇ ଆସିଥିଲେ। ଏହାକୁ ନେଇ କଂଗ୍ରେସର ଗୋଷ୍ଠୀ କନ୍ଦଳ ଥିବା ଚର୍ଚ୍ଚା ହେଉଛି।

### ଓଡ଼ିଶୀ ନୃତ୍ୟଗୁରୁ ପର୍ଶୁରାମ ସେଠୀଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,୮।୫(ସନାତନ ରାଉତ/ ରବିନାରାୟଣ ଖିଲାର)– ଭଦ୍ରକ ମାଟିର ଓଡ଼ିଶୀ ଓ ଲୋକନୃତ୍ୟର ଜଣେ ଆଦର୍ଶ ଓ ପ୍ରବୀଣ ଗୁରୁ ସ୍ୱର୍ଗତଃ ପର୍ଶୁରାମ ସେଠୀଙ୍କ ସ୍ମୃତିଚାରଣ ସଭା ମଙ୍ଗଳବାର ଭଦ୍ରକ ସଂଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଗଙ୍ଗାଧର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟଶ୍ରୀ ନିର୍ମଳ ରାଉତ, ଅନ୍ୟତମ ଅତିଥି ବିମଳା ନାଟ୍ୟ ସଂସଦର ସମ୍ପାଦକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ମୋଗଲ ତାମସା କଳାକାର ଅରବିନ୍ଦ ବେହେରା, ବିଶିଷ୍ଟ କଣ୍ଠଶିଳ୍ପୀ ସୁମତି ପଣ୍ଡା, ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ, ଗୁରୁଜୀ ଅଭୟ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସେଠୀଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟା ଶ୍ୱେତପଦ୍ମା ଦାସ, ନୃତ୍ୟଗୁରୁ ପୁଷ୍ପିତା ମହାନ୍ତି, ପଦ୍ମାଳୟା ଦାସ, ପୁଷ୍ପମିତ୍ରା ଜେନା, ସୁଜାତା ନାୟକ, ରିଚିସ୍ମିତା ମହାନ୍ତି, ଅଭିନେତ୍ରୀ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଦ୍ମ ଧରିଲେ ବିଜେଡି ରାଜ୍ୟ ଯୁବ ଉପସଭାପତି

ଚାନ୍ଦବାଲି,୮।୫(କିଷାନ ପାତ୍ର)



ମିଶ୍ରଣ ପର୍ବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନୀ ମଣ୍ଡଳୀରେ ବୁଧବାର ଭାଜପାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ରାଜ୍ୟ ଭାଜପା ସଭାପତି ତଥା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଧାମରାଇ ମନ୍ଦିର ପ୍ରାଙ୍ଗଣରୁ ବାହାରି ଖୋଲା ଜିପ୍‌ରେ ମତୋ ବଜାର ପର୍ଯ୍ୟନ୍ତ ରୋଡ୍ ଶୋ' କରିଥିଲେ। ହଜାର ହଜାର ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ମତୋ କଚେରି ପଡ଼ିଆରେ ଆୟୋଜିତ ମହାମିଶ୍ରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଦ୍ରକ ଜିଲା ଭାଜପା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ପ୍ରିୟରଞ୍ଜନ ଜେନା, ଜଳେଶ୍ୱରପୁର ପଞ୍ଚାୟତ କଂଗ୍ରେସ ନେତା ଅଜୟ କୁମାର ଦାସ, ଧାମରା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ବିଜେଡି ଜିଲା ଯୁବ ସମ୍ପାଦକ ଅତୁଲ କୁମାର ଜେନା, ଚାନ୍ଦବାଲି ଏନ୍‌ଏସିର ବିଜେଡି ଯୁବ ନେତା ସାଗର ସାହୁଙ୍କ ସମେତ ୧୦୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଚଳଚ୍ଚିତ୍ର ଅଭିନେତା ତଥା କୋରେଇ ବିଧାୟକ ପ୍ରାର୍ଥୀ ଆକାଶ ଦାସ ନାୟକ ଓ ବରିଷ୍ଠ ନେତା ଅଜୟ ନାୟକ ପ୍ରମୁଖ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଯୁବ ନେତାମାନଙ୍କ ଭାଜପାରେ ଯୋଗଦାନ ଫଳରେ ସାରା ନିର୍ବାଚନୀ ମଣ୍ଡଳୀରେ ଦଳର ଶକ୍ତି ବୃଦ୍ଧି ସାଙ୍ଗକୁ ଓଡ଼ିଶାରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଶାସନର ମୂଳ ପୋଛ ହେବ ବୋଲି ରାଜ୍ୟ ସଭାପତି ସାମଲ କହିଥିଲେ। ମିଶ୍ରଣ ପରେ ପ୍ରିୟରଞ୍ଜନ କହିଥିଲେ, ଚାନ୍ଦବାଲିରେ ଚାଲିଥିବା ଶ୍ୱଶୁର ଜ୍ୱାଇଁ ଶାସନ ଲୋପ ପାଇବ। ଚାନ୍ଦବାଲିରେ ଭାଜପା ପ୍ରାର୍ଥୀ ମନମୋହନ ସାମଲ ନିର୍ବାଚନରେ ବିଜୟୀ ହେବେ। କାର୍ଯ୍ୟକ୍ରମରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଘଣ୍ଟେଶ୍ୱର ଜୋନ ସଭାପତି ମିତ୍ରଭାନୁ ଦାସ, ଗଜଲକ୍ଷ୍ମୀ ମଣ୍ଡଳ ସଭାପତି ଦୈତାରୀ ଦାସ, ଲଲାଟେନ୍ଦୁ ରାୟ, ପ୍ରଭାସ ଶୁଭ ଦର୍ଶନ ମହାନ୍ତି, ସନାତନ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ରାଜାରାମ ମହାକୁଡ଼, ମୀନକେତନ ବିଶ୍ୱାଳ, ମନୋଜ ଭଳ, ତ୍ରିଦେବେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧୁନିକ ଯୁବତୀଙ୍କ ଭରସାଯୋଗ୍ୟ ପସନ୍ଦ ତନିସ୍କ 'ରିଭା'


ନୂଆ ଡିଜାଇନର ଅଳଙ୍କାର ପ୍ରଦର୍ଶନ କରାଯାଉଛି।

ଭଦ୍ରକ, ୮।୫(ସନାତନ ରାଉତ)

ଭାରତର ସର୍ବବୃହତ ଅଳଙ୍କାର ବ୍ରାଣ୍ଡ ତନିସ୍କ 'ରିଭା' ଆଧୁନିକ ଯୁବତୀମାନଙ୍କର ଭରସାଯୋଗ୍ୟ ପସନ୍ଦ ହୋଇଛି। ଏହା ଯୁବତୀମାନଙ୍କ ବିବାହ ସ୍ୱପ୍ନକୁ ସ୍ମରଣୀୟ କରିବ ବୋଲି ଭଦ୍ରକ ବାଇପାସ୍‌ଠାରେ ଥିବା ତନିସ୍କ ପକ୍ଷରୁ କୁହାଯାଇଛି। ଆସନ୍ତା ଅକ୍ଷୟତୃତୀୟା ପାଇଁ ମେ' ୧୮ ତାରିଖ ପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ବିଭିନ୍ନ ଆକର୍ଷଣୀୟ ସ୍କିମ୍ ସାଙ୍ଗକୁ କମ୍ପାନୀ ପକ୍ଷରୁ ଅଫର୍ ଘୋଷଣା କରାଯାଇଛି। ବିଭିନ୍ନ ପ୍ରକାର ସୁନା ଓ ହୀରାର ମନପସନ୍ଦର ଅଳଙ୍କାର ରିଭା ପକ୍ଷରୁ ବଜାରକୁ ଆସିଛି। ବିବାହ ଋତୁରେ ସୁନା ମୂଲ୍ୟ ଅସ୍ଥିର ରହିଥିବା ବେଳେ ତନିସ୍କ ପକ୍ଷରୁ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ପୁରୁଣା ସୁନାକୁ ବଦଳାଇ ଗ୍ରାହକମାନେ ଶତ ପ୍ରତିଶତ ମୂଲ୍ୟ ପାଇପାରିବେ। ମେକିଂ ଚାର୍ଜରେ ଆକର୍ଷଣୀୟ ରିହାତି ମଧ୍ୟ ରହିଛି। ରିଭା ବ୍ରାଣ୍ଡର ଅଳଙ୍କାରରେ ସୂକ୍ଷ୍ମ କାରିଗରୀ, ଗୁଣବତ୍ତା ରହିଛି। ଆଞ୍ଚଳିକ ଡିଜାଇନ୍, ଆଞ୍ଚଳିକ ଛାପ ସହିତ ସୁନା, ହୀରା, ଗ୍ଲାସ କୁନ୍ଦନ, ପୋଲ୍କିକୁ ରିଭା ବ୍ୟାପକ ଗହଣାର ସମ୍ଭାର ଆଣିଛି। ଯାହା ବାହାଘର ସମୟରେ ଯୁବତୀମାନଙ୍କର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିପାରିବ। ତନିସ୍କ ଗ୍ରାହକମାନଙ୍କ ବିଶ୍ୱସନୀୟତା ଓ ଭଲ ପାଇବାକୁ ନେଇ ଆଗକୁ ବଢ଼ି ଚାଲିଛି ବୋଲି ଏହାର ଏରିୟା ବିଜ୍‌ନେସ ମ୍ୟାନେଜର ଆର୍ଯ୍ୟେନ୍ଦୁ ବୁନ୍ଦେଲ, ଗ୍ରୁପ୍ ସିଏଫ୍‌ଓ କିଷନ ଗୁପ୍ତା, ଫ୍ରାଞ୍ଚାଇଜ୍ ପାର୍ଟନର ମମତା ଖେମକା ଖବରଦାତା ସମ୍ମିଳନୀରେ ମତ ରଖିବା ସହ ନୂଆ ଡିଜାଇନର ଅଳଙ୍କାର ପ୍ରଦର୍ଶିତ କରିଥିଲେ।

# ଦ୍ୱିତୀୟ ବିବାହ ଉଦ୍ୟମ କରି ଯୁବକ ହଟହଟା

ବାସୁଦେବପୁର, ୮।୫(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏଡ଼ତାଳ ଗ୍ରାମର ଜଣେ ବିବାହିତ ଯୁବକ ମଙ୍ଗଳବାର ଚାନ୍ଦିମାଳ ଅଞ୍ଚଳର ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ କରି ହଟହଟା ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଉକ୍ତ ଗ୍ରାମର ଅଜୟ ଜେନା ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ କରୁଥିବା ଜାଣିପାରି ତାଙ୍କ ବାପା ବିଷ୍ଣୁମୋହନ ଓ ସ୍ତ୍ରୀ ତୁଳସୀ ବାସୁଦେବପୁର ଯାଦବ ପଡ଼ିଆ ନିକଟରେ ପହଞ୍ଚି ତାଙ୍କୁ ଧରି ବାସୁଦେବପୁର ଥାନାରେ ଜିମା ଦେଇଛନ୍ତି। ପ୍ରାୟ ୧୦ ବର୍ଷ ତଳେ ଅଜୟ ଓ ତୁଳସୀଙ୍କ ମଧ୍ୟରେ ବିବାହ ହୋଇଥିଲା। ତାଙ୍କର ଏକ ୮ ବର୍ଷର ପୁଅ ଅଛି। ଏହା ସତ୍ତ୍ୱେ ଅଜୟଙ୍କ ସହ ଚାନ୍ଦିମାଳ ଅଞ୍ଚଳର ଜଣେ ମହିଳାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ବିବାହ କରିବାକୁ ଉଦ୍ୟମ କରୁଥିବା ବେଳେ ଅଜୟଙ୍କ ପରିବାର ଲୋକେ ବିରୋଧ କରିଥିଲେ। ବାସୁଦେବପୁର ଥାନାରେ ଏହି ଘଟଣା ପହଞ୍ଚିବା ପରେ ତଦନ୍ତ କରାଯାଇଥିଲା। ଅଜୟ ତାଙ୍କ ପ୍ରେମିକାଙ୍କ ସହ ରହିବାକୁ ନିଷ୍ପତ୍ତି ଜଣାଇବା ପରେ ବାପା, ସ୍ତ୍ରୀଙ୍କ ଉପସ୍ଥିତିରେ ଆପୋଷ ସମାଧାନ କରାଯାଇ ଲେଖାପଢ଼ା ହୋଇଥିଲା। ଅଜୟ ତାଙ୍କ ପ୍ରେମିକାଙ୍କୁ ସାଙ୍ଗରେ ନେଇଯାଇଥିବା ବେଳେ ବିଷ୍ଣୁମୋହନ ତାଙ୍କ ବୋହୂକୁ ନେଇ ଘରକୁ ଯାଇଥିଲେ। ଅଜୟ ପୈତୃକ ଘରକୁ ଯିବେ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏନେଇ ଏଏସ୍‌ଆଇ ବି. କେ ଦାସ ମହାପାତ୍ରଙ୍କୁ ପଚାରିବାରୁ ଏହା ଏକ ପାରିବାରିକ ଘଟଣା ହୋଇଥିବା ବେଳେ ଦୁଇପକ୍ଷ ଲିଖିତ ଭାବେ ଥାନାରେ ଜଣାଇ ଘରକୁ ଯାଇଛନ୍ତି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା କହିଛନ୍ତି।

### ଭାଜପାର ସୋସିଆଲ ମିଡିଆ କର୍ମଶାଳା

ଧାମନଗର,୮।୫(ଦେବେନ୍ଦ୍ର କୁମାର ଆଦିଆ):

ଧାମନଗର ଭାଜପା ପକ୍ଷରୁ ସୋସିଆଲ ମିଡିଆ କର୍ମଶାଳା ବୁଧବାର ଆନନ୍ଦ ବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ମିଡିଆ ସେଲ ସଂଯୋଜକ ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ଧାମନଗର ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଆଜିର ପରିବର୍ତ୍ତିତ ସମୟରେ ସାମାଜିକ ଗଣମାଧ୍ୟମ ଲୋକଙ୍କ ନିକଟତର ହୋଇଛି। ଚଳିତ ନିର୍ବାଚନରେ ଆଇଟି ସେଲର କାର୍ଯ୍ୟକର୍ତ୍ତାମାନେ ମୋଦି ସରକାରଙ୍କ ଲୋକାଭିମୁଖୀ ଯୋଜନା ଏବଂ ଧାମନଗରବାସୀଙ୍କ ପ୍ରତି ବିଜେଡି ସରକାରର ଅବହେଳା ସମ୍ପର୍କରେ ଏହି ପ୍ଲାଟଫର୍ମରେ ଉଲ୍ଲେଖ କରିବାକୁ ମତବ୍ୟକ୍ତ କରିଥିଲେ। ଆଇଟି ସେଲର ବରିଷ୍ଠ ପଦାଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲା ଭାଜପା ଉପସଭାପତି ଚତୁର୍ଭୁଜ ନାୟକ, ଯୁବ ମୋର୍ଚ୍ଚା ଜିଲା ସଭାପତି ଦେବାଂଶୁ ରାଉତ, ପ୍ରାକ୍ତନ ସରପଞ୍ଚ ପ୍ରମୋଦ କୁମାର ସୂତାର, ଯୁବନେତା ଲକ୍ଷ୍ମୀଧର ପାଣିଗ୍ରାହୀ, ଫନି ଭୂଷଣ ମଲ୍ଲିକ, କାଉନସିଲର ସ୍ୱାଧୀନ ସମ୍ବିତ ଦାସ ପ୍ରମୂଖ କର୍ମଶାଳାରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁକୁନ୍ଦଦେବ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ରଞ୍ଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ରଜତ କୁମାର ଲେଙ୍କା, ଶୁଭେନ୍ଦୁ କୁମାର ପାତ୍ର, ପଙ୍କଜ ଦାସ, ତୁଷାର ମିଶ୍ର, ବିକାଶ ରାଉତରାୟ, ନିହାର ରଞ୍ଜନ ଦାସ, ଜୟ ପ୍ରକାଶ ବେହେରା, ଦେବାଶିଷ ନାୟକ, ତପନ ନାୟକ, ଅମ୍ବି ମହାନ୍ତି, ଶୁଭଙ୍କର ନାୟକ, ସାଇ ଶରଣ ବେହେରା ପ୍ରମୂଖଙ୍କ ସମେତ ଧାମନଗର ଏବଂ ତିହିଡ଼ି ବ୍ଲକର ବହୁସଂଖ୍ୟକ ଯୁବ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଭାଜପାରେ ମିଶିଲେ ଭଦ୍ରକ ଜିଲା ବିଜେଡି ଉପସଭାପତି

ଭଦ୍ରକ,୮।୫(ରବିନାରାୟଣ ଖିଲାର/ ସନାତନ ରାଉତ):


ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିବା ମଳୟ ଜେନା।

ଭଦ୍ରକ ଜିଲା ବିଜେଡି ଉପସଭାପତି ମଳୟ ଜେନା ତାଙ୍କର ୫୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହିତ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ସମାବେଶରେ ସେ ଯୋଗ ଦେଇଛନ୍ତି। ତାଙ୍କ ସହିତ ବହୁ ଦରଡ଼ା ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ସୁଶାନ୍ତ କୁମାର ମହାପାତ୍ର, ଚଣ୍ଡିଗାଁ ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ସନ୍ତୋଷ ମହାନ୍ତି, ଗଲେଟୁଆ ପଞ୍ଚାୟତର ନେତା ଅମିୟ ମହାନ୍ତି, ଆମ୍ବରୋଳି ପଞ୍ଚାୟତର ନେତା ଦୀନବନ୍ଧୁ ମହାଳିକ, ସାବରଙ୍ଗ ପଞ୍ଚାୟତର ନେତା ଉଦୟନାଥ ଭଞ୍ଜ, କଲେଇ ପଞ୍ଚାୟତ ଯୁବନେତା ସତ୍ୟଦେବ ମଲ୍ଲିକ, ହରିପୁର ପଞ୍ଚାୟତ ନେତା ଜ୍ଞାନେନ୍ଦ୍ର ବାରିକ, କୋରକୋରା ପଞ୍ଚାୟତର ନେତା ସୁଶାନ୍ତ ରାଉତ, ଗୁଜିଦରଡ଼ା ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ରାଜେନ୍ଦ୍ର ପୁହାଣ, କୋରକୋରା ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଖଗେଶ୍ୱର ପଲେଇ, ଦୈସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁକଦେବ ମଲ୍ଲିକ, କେଦାରପୁର ପଞ୍ଚାୟତର ଯୁବ ନେତା ରବିନାରାୟଣ ମହାନ୍ତି, ଜଗଦଳପୁର ପଞ୍ଚାୟତର ଯୁବନେତା ଲକ୍ଷ୍ମୀଧର ଜେନା ପ୍ରମୁଖ ସେମାନଙ୍କର ସମର୍ଥକଙ୍କ ସହିତ ଏକ ବିଶାଳ ବାଇକ୍ ରାଲିରେ ନେହେରୁ ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରି ଗେଲପୁରସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ସେମାନେ ଭାଜପାରେ ଯୋଗ ଦେଇଥିଲେ।

# ପ୍ରଚାର କଲେ ଉତ୍ତରାଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ


ଉତ୍ତରାଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ସଭାରେ ମତ ରଖୁଛନ୍ତି।

ବାସୁଦେବପୁର,୮।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନିର୍ବାଚନ ମଣ୍ଡଳୀର ନାୟକାଣିଡିହୀ ମଣ୍ଡଳର ଗୋବିନ୍ଦପୁର, ଚାନ୍ଦିମାଳ ମଣ୍ଡଳର ନଳବାଙ୍କ, ରକ୍ତତୀର୍ଥ ଇରମ ମଣ୍ଡଳର ଜଗନ୍ନାଥପୁରଠାରେ ଭାଜପା ପକ୍ଷରୁ ବୁଥ୍‌ସ୍ତରୀୟ ବୈଠକ ଓ କର୍ମକର୍ତ୍ତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ନଳବାଙ୍କ ନିକଟରେ ଏକ ବୁଥ୍‌ସ୍ତରୀୟ ବୈଠକରେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ ଯୋଗଦେଇ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତିଙ୍କ ପାଇଁ ଭୋଟ ଭିକ୍ଷା କରିବା ସହ ନିର୍ବାଚନରେ ବିଜୟ ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବିଧାନସଭା ସଂଯୋଜକ ଡ. ପ୍ରତାପ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଧାୟକ ପ୍ରାର୍ଥୀ ମହାନ୍ତି, ବରିଷ୍ଠ ନେତା ଅଶୋକ ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ପର୍ଯ୍ୟବେକ୍ଷକ ତପସ୍ୱିନୀ ମହାପାତ୍ର, କାଉନସିଲର ଗୌରୀ ବେହେରା, ଚାନ୍ଦିମାଳ ମଣ୍ଡଳ ସଭାପତି ରମାକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ନାମାଙ୍କନ ପତ୍ର ଦାଖଲ କଲେ ପ୍ରଫୁଲ୍ଲ ସାମଲ


ପ୍ରଫୁଲ୍ଲ ସାମଲ ଉପଜିଲାପାଳଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ,୮।୫(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ବୁଧବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉପଜିଲାପାଳ ମନୋଜ ପାତ୍ର, ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଭଦ୍ରକ ଆର୍‌ଏମ୍‌ସିଠାରେ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ଖୋଲା ଜିପ୍‌ରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରଫୁଲ୍ଲଙ୍କ ସହିତ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନାମାଙ୍କନ ଦାଖଲ ଅବସରରେ ପ୍ରଫୁଲ୍ଲ କହିଥିଲେ ଭଦ୍ରକକୁ ଭାଇଚାରା ଓ ଆଦର୍ଶ ସହରରେ ପରିଣତ କରିବା ସହ ଅତୀତର ଐତିହ୍ୟକୁ ସୁରକ୍ଷିତ କରିବା ତାଙ୍କର ଦାୟିତ୍ୱ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, ଯୁବନେତା ଜାହିଦ ହବିବ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ନଗର ସଭାପତି ତାହେର ମହମ୍ମଦ, କାଉନସିଲର ପଙ୍କଜ ବଳ, ପ୍ରିୟବ୍ରତ ନାୟକ ପ୍ରମୁଖ ନେତୃବୃନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଜା ଓ ବାଣ ସାଙ୍ଗକୁ ବିଭିନ୍ନ ନାରାବାଜିରେ ଭଦ୍ରକ ସହର ପ୍ରକମ୍ପିତ ହୋଇ ଉଠିଥିଲା।

### ବିଜୁ ଯୁବ ଜନତା ଦଳର ସମ୍ମିଳନୀ

ତିହିଡ଼ି,୮।୫(ସଞ୍ଜିତ ବଳ):

ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ୍ ଅଧୀନ ଅଲ୍ଲୀନଗରଛକସ୍ଥିତ ବୀଣାପାଣି କଲ୍ୟାଣ ମଣ୍ଡପରେ ବୁଧବାର ବିଜୁ ଯୁବ ଜନତା ଦଳର ଯୁବକର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ସଭାପତି ସୁଧନ୍ୟା ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରାର୍ଥୀ ଡା.ସଞ୍ଜୟ କୁମାର ଦାସ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ସକ୍ରିୟ ହେବା ଆବଶ୍ୟକ। ଯାହାଦ୍ୱାରା ନିର୍ବାଚନରେ ଲୋକେ ଯୋଗ୍ୟ ପ୍ରାର୍ଥୀ ଚୟନ କରିବାକୁ ସକ୍ଷମ ହେବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥି ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ଜିଲା ଉପସଭାପତି ବିଶ୍ୱରଞ୍ଜନ ନାୟକ, ଧାମନଗର ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳେଇ, ଜିଲା ଯୁବ ସମ୍ପାଦକ ଅମର ମଳିକ ଓ ଧନଞ୍ଜୟ ନାୟକ ପ୍ରମୁଖ ଯୋଗଦେଇ ନିଜକୁ ପ୍ରାର୍ଥୀ ଭାବି ନିଜର ବିଜୟ ପାଇଁ ଉଦ୍ୟମ କରିବାକୁ ଯୁବନେତାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଟି ସେଲର ଶୁଭ୍ରଜିତ ପାଲ, ଲଭଲି ମହାପାତ୍ର, ଯୁବ ସଭାପତି ଅବିନାଶ ଦାସ, ଶ୍ୟାମସୁନ୍ଦର ଦାସ, ରାକେଶ ମହାପାତ୍ର, ଅନୀଲ ନାୟକ, କ୍ଷୀରୋଦ ଶତପଥୀ, ହିମାଂଶୁ ଶେଖର ବଳ, ଚିନ୍ମୟ ସାମଲ, ଅମୂଲ୍ୟ ସାହୁ, ଜ୍ୟୋତିପ୍ରକାଶ ସାମଲ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସୁବୋଧ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଓଳା ମହାବୀର ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ,୮।୫(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଓଳାଠାରେ ମହାବୀର ହନୁମାନଙ୍କ ମନ୍ଦିରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଘଟ ଉତ୍ତୋଳନ, ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା ସହ ପୂଜକ ସୁଶାନ୍ତ ପଣ୍ଡା, ଗୟାଧର ପଣ୍ଡା, ବିଶ୍ୱଜିତ ପାଣ୍ଡ ଓ ଦୀପକ ପଣ୍ଡା ବିଧି ଅନୁଯାୟୀ ମହାବୀର ହନୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରଦୀପ କୁମାର ସାହୁ ଓ ପ୍ରଭାରାଣୀ ସାହୁ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ପାତ୍ର, ଅକ୍ଷୟ ପାତ୍ର, ମାୟାଧର ସାହୁ, ଧର୍ମାନନ୍ଦ ସାହୁ, ଅମୂଲ୍ୟ ନିଧି ବେହେରା, ଶରତ ସାହୁ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ

ବନ୍ତ,୮।୫(ହରି ନାରାୟଣ ମହାନ୍ତି) :


ଭାଜପାର କର୍ମୀ ସମାବେଶରେ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ସମେତ ଅନ୍ୟମାନେ।

ଭଦ୍ରକ ଜିଲା ବନ୍ତ ବ୍ଲକ ନିମାପଡ଼ାସ୍ଥିତ ଶାନ୍ତିବନ ପଡିଆଠାରେ ଭାଜପା ପକ୍ଷରୁ ମଙ୍ଗଳବାର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକସଭା ପ୍ରଭାରୀ ଡ଼.ଭୋଲା ସିଂ ଯୋଗଦେଇ ବିଜେଡି ସରକାରର ପତନ ସମୟ ଆସିଛି। ଭାଜପା ସରକାର ଗଠନ ହେବାକୁ ଯାଉଛି। ଓଡିଶାରେ ଡବଲ ଇଞ୍ଜିନ ସରକାର ପାଇଁ ଲୋକେ ମନସ୍ଥ କରିସାରିଛନ୍ତି ବୋଲି କହିଥିଲେ। ଭଣ୍ଡାରିପୋଖରୀ ବିଧାନସଭା ପ୍ରାର୍ଥୀ ଡ଼.ସୁଧାଂଶୁ ନାୟକ ଯୋଗଦେଇ ଭଣ୍ଡାରିପୋଖରୀର ବିକାଶ ମୋର ସଂକଳ୍ପ ବୋଲି କହିଥିଲେ। ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଯୋଗଦେଇ କୌଣସି ଲୋଭ କିମ୍ବା ମିଥ୍ୟା ପ୍ରତିଶ୍ରୁତିରେ ପ୍ରଭାବିତ ନ ହୋଇ ଏହି ମାଟିର ପୁଅଙ୍କୁ ବିଜୟୀ କରାଇବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ପ୍ରଭାରୀ ଅଶୋକ ପରିଜା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ରେବତୀ ନାୟକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ଜଗବନ୍ଧୁ ଦାସ, ବିଧାନସଭା ବୁଥ୍ ପାଳକ କମଳାକାନ୍ତ ସାହୁ, ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ବରଡ଼େଶ୍ୱର ମଣ୍ଡଳ ସଭାପତି ନବ କିଶୋର ବଳ, ବଳଦେବଜୀଉ ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ପୂର୍ବତନ ସରପଞ୍ଚ ଆନନ୍ଦଚନ୍ଦ୍ର ଓଝା, ଗୋପାଳ ପଣ୍ଡା, କୃପାସିନ୍ଧୁ ସେଠୀ, ନାରୀନେତ୍ରୀ ପଙ୍କଜିନି ଲେଙ୍କା, ଗୀତାରାଣୀ ବେହେରା, ମାନସୀ ଧଳ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ତିଳୋତ୍ତମା ଜେନା, ନିର୍ମଳ କର ଯୋଗଦେଇ ଦଳୀୟ ପ୍ରାର୍ଥୀ ଦ୍ୱୟଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଅନ୍ୟ ଦଳ ଛାଡି ଭାଜପାରେ ଯୋଗଦେଇଥିଲେ। ସମାବେଶରେ ୧୦ ପଞ୍ଚାୟତର ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

**ପିଠାହତାରେ ନିର୍ବାଚନୀ ସଭା**

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ)-ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ସେତେ ଜୋରରେ ଚାଲିଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ବ୍ଲକ ପିଠାହତା ପଞ୍ଚାୟତ ଅଧୀନ ବଡିସାହିରେ ବୁଧବାର ବିଜେଡିର ବାଲେଶ୍ୱର ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର ଓ ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ ପହଞ୍ଚି ଭୋଟ ଦେବାକୁ ଅନୁରୋଧ କରିଥିଲେ। ସଭାରେ ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ ଅଧକ୍ଷତା କରିଥିବା ବେଳେ ସରପଞ୍ଚ ମୀନତି ମୁର୍ମୁ, ସମିତିସଭ୍ୟ ପ୍ରଭାକର ବାଗୁଡ଼ାଇ, ଯୁବନେତା ବିଦ୍ୟାଧର ଦଳେଇ, ପୂର୍ବତନ ସମିତିସଭ୍ୟ ଅଲେଖ ବେହେରା, ମାନ ମୁର୍ମୁ, ନାରୀନେତ୍ରୀ ଅଶୋକାଶିନୀ ନାୟକ ବକ୍ତବ୍ୟ ରଖିଥିଲେ।



# ନିର୍ବାଚନୀ ଖର୍ଚ୍ଚ ସୁପରିଚାଳନା ଉପରେ ଗୁରୁତ୍ୱ

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବାଲେଶ୍ୱର ଜିଲା ଗସ୍ତ

ବାଲେଶ୍ୱର, ୮।୫(ମାନସ ବିଶ୍ୱାଳ)


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକ।

ବାଲେଶ୍ୱର ଜିଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ତଦାରଖ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସମୀକ୍ଷା ବୈଠକ କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବୁଧବାର ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାଲେଶ୍ୱର ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିକାଶ ସିଂ, ଅକ୍ଷତା ଶ୍ରୀନିବାସ, ଅଙ୍କିତ ସୋମାନି ଏବଂ ଜିତେଶ କୁମାର ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲା ପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଉପଜିଲାପାଳ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

ଜିଲାପାଳ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଜିଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ନାୟକ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ନିର୍ବାଚନ ଖର୍ଚ୍ଚର ସୁପରିଚାଳନା ସମ୍ବନ୍ଧରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ। ତତ୍‌ସହିତ ଭିଡିଟି, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଆକାଉଣ୍ଟିଂ ଟିମ୍‌ଙ୍କ ସମେତ ନିର୍ବାଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟର୍‌ଙ୍କ ସୁବିଧା, ବୁଥ୍‌ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା ବାବଦରେ ତଥ୍ୟ ବୁଝିଥିଲେ। ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଆସିଲେ ତୁରନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନଜରକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଜିଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଏକକାଳୀନ ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।

# ବଜ୍ରପାତରେ ବକ୍ରେଶ୍ୱର ମନ୍ଦିର ଦଧିନଉତି ଭାଙ୍ଗିଲା

ଖଇରା, ୮।୫(ଉତ୍କଳବନ୍ଧୁ ପଣ୍ଡା)


ବକ୍ରେଶ୍ୱର ମନ୍ଦିର।

କାଳବୈଶାଖୀ ପ୍ରଭାବରେ ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଅଧୀନ ଟିପସଗଡିଆସ୍ଥିତ ପ୍ରସିଦ୍ଧ ବକ୍ରେଶ୍ୱର ମନ୍ଦିରର ଦଧିନଉତି ଭାଙ୍ଗିପଡିଛି। ଏହାକୁ ନେଇ ଆଖପାଖ ଅଞ୍ଚଳର ଭକ୍ତମାନେ ଭାବପ୍ରବଣ ହୋଇପଡିଛନ୍ତି। ତୁରନ୍ତ ଏହାକୁ ମରାମତି କରିବାକୁ ଭକ୍ତମାନେ ସଂସ୍କୃତି ଓ ଦେବୋତ୍ତର ବିଭାଗ ନିକଟରେ ଦାବି କରିଛନ୍ତି। ତେବେ ଏହି ଭାଙ୍ଗିବା ଅଶୁଭ ସୂଚନା ଦେଉଥିବା ନେଇ ବିଭିନ୍ନ ଅଞ୍ଚଳର ଭକ୍ତମାନେ ପ୍ରତିକ୍ରିୟାରେ କହିଛନ୍ତି।

# କାଳବୈଶାଖୀ ମୁକାବିଲା ଲାଗି ୨୪ଘଣ୍ଟିଆ ପିଏସ୍‌ସିସି ସ୍ଥାପନ


ଟିପିଏନଓଡିଏଲ୍‌ର ପିଏସ୍‌ସିସି କେନ୍ଦ୍ର।

ବାଲେଶ୍ୱର, ୮।୫(ମାନସ ବିଶ୍ୱାଳ)

ସମ୍ଭାବ୍ୟ କାଳବୈଶାଖୀକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ୨୪ଘଣ୍ଟିଆ ଅତ୍ୟାଧୁନିକ କେନ୍ଦ୍ରୀଭୂତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ପିଏସସିସି) ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ୍ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ କାଳବୈଶାଖୀଜନିତ ଆହ୍ୱାନର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେଉଛି। ବୁଧବାର ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସକ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

କାଳବୈଶାଖୀ ସମୟରେ ତୁରନ୍ତ ବିଦ୍ୟୁତ ପୁନଃ ଯୋଗାଣ କରିବା ସକାଶେ ଆବଶ୍ୟକ ସରଞ୍ଜାମ ସହ ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାଉଣ୍ଡ ଷ୍ଟାଫ୍ ନିୟୋଜିତ କରାଯାଇଛି। ପିଏସ୍‌ସିସି ନିୟନ୍ତ୍ରଣ କେନ୍ଦ୍ରରୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ମନିଟରିଂ କରିବା ସହ ଉତ୍ତର ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲାର ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ସହଜ ହୋଇଛି। ସେହିପରି ଆସନ୍ନ କାଳବୈଶାଖୀକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ୍ ଉପଭୋକ୍ତାମାନଙ୍କ ପାଇଁ ବିଦ୍ୟୁତ ସୁରକ୍ଷା ମାର୍ଗଦର୍ଶିକା ମଧ୍ୟ ଜାରି କରିଛି। କୌଣସି ପରିସ୍ଥିତିରେ ଛିଣ୍ଡା ବିଦ୍ୟୁତ ତାରକୁ ଛୁଇଁବା ଅବା ନିଜେ ମରାମତି କରିବାର ଦୁଃସାହସ ନ କରି ତୁରନ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବା ପାଇଁ ନିବେଦନ କରାଯାଇଛି।

# ବେକରୁ ଫୁଲମାଳ କାଢ଼ି ଫିଙ୍ଗିଲେ ଖାରବେଳ



ବାଲେଶ୍ୱର, ୮।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ବୁଧବାର ମହାମେଘବାହନ ଖାରବେଳ ସ୍ୱାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଧ୍ୟାହ୍ନରେ ସେ ତାଙ୍କର ସମର୍ଥକମାନଙ୍କ ସହିତ ବାଲେଶ୍ୱର ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କ ନିକଟରେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଠାରୁ ଫେରିବା ପରେ ଖବରଦାତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାରେ ସେ ବିରକ୍ତ ଭାବ ପୋଷଣ କରିଥିଲେ। ଏହି ସମୟରେ ଉତ୍ସାହିତ ହୋଇ ତାଙ୍କର ଜଣେ କର୍ମୀ ଫୁଲମାଳ ନେଇ ପିନ୍ଧାଉଥିବା ବେଳେ କର୍ମୀଜଣଙ୍କ ଉପରେ ବିରକ୍ତ ହେବା ସହ ତାଙ୍କୁ ଧକ୍କା ମାରିଥିଲେ। ଏଥିସହ ଫୁଲମାଳକୁ ବେକରୁ କାଢ଼ି ଫିଙ୍ଗିଦେଇଥିଲେ। କର୍ମୀ ଜଣକ ସେଠାରୁ ଅପମାନିତ ହୋଇ ପଳାଇଥିବା ବେଳେ ସ୍ୱାଇଁ ବିରକ୍ତିଭାବ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା।

# ଏମ୍‌ପି ପ୍ରାର୍ଥିନୀ, ବିଧାୟିକ ପ୍ରାର୍ଥିନୀଙ୍କ ରୋଡ୍‌ଶୋ'

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୮।୫


ମଞ୍ଚରେ ବିଜେଡି ଏମ୍‌ପି ପ୍ରାର୍ଥିନୀ ଓ ବସ୍ତା ବିଧାୟିକା ପ୍ରାର୍ଥିନୀଙ୍କ ସହ ଅନ୍ୟମାନେ।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ନିଖିରା ପଞ୍ଚାୟତ ମଝିପଡ଼ା ଖେଳପଡିଆରେ ବୁଧବାର ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ଶହ ଶହ ସମର୍ଥକଙ୍କ ବାଇକ ରାଲିରେ ରୋଡଶୋରେ ଲଙ୍ଗଳେଶ୍ୱର ବିଜେଡି କାର୍ଯ୍ୟାଳୟରୁ ବାହାରିଥିଲେ। ଏହି ରାଲି ଲଙ୍ଗଳେଶ୍ୱର ବଜାର, ବାଲିକୁଟି, ବଳରାମପୁର, ସୁନାଚୁହି, ଜାଠିଆ, ଦେଉଳା, ବାସୁଦେବପୁର, ସିମୁଳିଆ ବଜାର, ବାଲିଆପାଳ ବ୍ଲକ ଛକ ଦେଭୋଗ ଛକ, ଖାଳମୁହଣି ଛକ, ଖପରାପଦା, ନିଖିରା ଦେଇ ଯାଇ ମଝିପଡ଼ା ଖେଳପଡିଆରେ ହେଉଥିବା କର୍ମୀ ସମାବେଶରେ ଯୋଗ ଦେଇଥିଲେ। ସଭାରେ ବିଧାୟକ ପ୍ରାର୍ଥିନୀ ଜେନା ଏବଂ ଏମ୍‌ପି ପ୍ରାର୍ଥିନୀ ସାମନ୍ତସିଂହାର ଲୋକଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ। ସମାବେଶରେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନମଣ୍ଡଳୀର ବିଜେଡିର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ବିଜୁ ଜନତା ଦଳର ଜିଲା ଛାତ୍ର ସଭାପତି ସିମନ ଦାସ, ବସ୍ତା ବିଜେଡି ନେତା ମହାଦେବ ଦାସ, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ, ନିଖୀରା ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଶ୍ରୀକାନ୍ତ ପାଳ, ବରିଷ୍ଠ ବିଜେଡ଼ି ନେତା ମହେଶ୍ୱର ଜେନା, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରାସାଦ ଦାସ, ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ମନ୍ମଥ ମାଣିକ, ଜିଲା ପରିଷଦ ସଦସ୍ୟା କାଞ୍ଚନବାଳା ଜେନା, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ସପନ ଦାସଙ୍କ ସହିତ ନିଖିରା ପଞ୍ଚାୟତର ବହୁ ବରିଷ୍ଠ ବିଜେଡି ନେତା, ଶୁଭେଚ୍ଛୁ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ ସଭା ପରିଚାଳନା କରିଥିଲେ। ଏହି କର୍ମୀ ସମ୍ମିଳନୀରେ ନିଖିରା ପଞ୍ଚାୟତର ୫୦ରୁ ଅଧିକ ସଂଖ୍ୟାର ବିଭିନ୍ନ ଦଳର କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ଘରକୁ ଘର ବୁଲି ପ୍ରଚାର କଲେ ବିଧାୟକ

ବାଲେଶ୍ୱର, ୮।୫(ମାନସ ବିଶ୍ୱାଳ)

ବାଲେଶ୍ୱର ପୌରପରିଷଦ ଅଧୀନ ୨୯, ୧୮ ଓ ୨୫ନମ୍ବର ୱାର୍ଡରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନ କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ରଞ୍ଜନ ବାଗ, କାଉନସିଲର କାର୍ତ୍ତିକ ସାହୁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ମୀନା ମହାନ୍ତି, ଟାଉନ ସଭାପତି ସନତ ଦାସ, ପୂର୍ବତନ କାଉନ୍ସିଲର ଧନଞ୍ଜୟ ଜେନା, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ସଦର ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ ଅନସର, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ବିଜେଡି ନେତା ଅଶୋକ ଦାସ ପ୍ରମୁଖ ପ୍ରଚାର କରିଥିଲେ।

# ଅସନ୍ତୁଷ୍ଟଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି ଆଶିଷ

ଭୋଗରାଇ, ୮।୫(ପ୍ରଦୀପ ଦାସ)


ଭାଜପାର ମିଶ୍ରଣ ପର୍ବ।

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। କଂଗ୍ରେସ, ବିଜେଡି ଓ ଭାଜପା ଦଳର ପ୍ରାର୍ଥୀ ଘୋଷଣା ପରେ ୩ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ନିର୍ବାଚନୀ ରଣଦୁନ୍ଦୁଭି ବାଜି ଉଠିଛି। ଆଗୁଆ ନିର୍ବାଚନ ମଇଦାନକୁ କଂଗ୍ରେସ, ବିଜେଡି ଓ ପରେ ଭାଜପା ପ୍ରାର୍ଥୀ ଓହ୍ଲାଇଥିବା ବେଳେ ଗାଁ ଗାଁରେ ସଭାସମିତି, ସାଇକେଲ, ବାଇକ ରାଲି ଓ ଭୋଜିଭାତ ଆୟୋଜନ ହେଉଛି। ଏହି ନିର୍ବାଚନରେ ଯୁବପିଢ଼ିଙ୍କ ଉତ୍ସାହ ବଢୁଥିବା ବେଳେ ପ୍ରାର୍ଥୀଙ୍କ ଜୋସ ମଧ୍ୟ ବଢୁଛି। ପୂର୍ବରୁ ଭାଜପା ନେତୃତ୍ୱରେ ୨୦୧୭ରୁ ଅସନ୍ତୁଷ୍ଟ ଓ ଅଣଦେଖା ହୋଇଥିବା ବହୁ ବରିଷ୍ଠ ନେତାଙ୍କ ମନ ଜିଣିବା ସହିତ ନୂତନ ନେତା ଓ କର୍ମୀଙ୍କୁ ସାଥିରେ ନେଇ ମନେଇବାକୁ ଭାଜପା ଦଳର ପ୍ରାର୍ଥୀ ଆଶିଷ କୁମାର ପାତ୍ର ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଭାଜପାର ଶକ୍ତି ବୃଦ୍ଧି ଲାଗି କଂଗ୍ରେସ ଓ ବିଜେଡିର ନେତା, କର୍ମୀଙ୍କୁ ଆକୃଷ୍ଟ କରି ଦୈନିକ ୧୦ରୁ ଅଧିକ ବ୍ୟକ୍ତିଙ୍କୁ ଦଳରେ ସାମିଲ କରୁଛନ୍ତି। ଭାଜପାର ବିଧାନସଭା ପ୍ରଭାରୀ ଅରବିନ୍ଦ ବେହେରା ୨୪ଘଣ୍ଟିଆ ଭୋଗରାଇରେ ଡେରା ପକାଇ ପ୍ରତ୍ୟେକ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେବା ସହିତ ୨୫୨ ଭୋଟ କେନ୍ଦ୍ରରେ ବୁଥ ସଭାପତିଙ୍କୁ ଭୋଟ ବୃଦ୍ଧି ନିମନ୍ତେ ଅଣ୍ଟା ଭିଡିବାକୁ ପରାମର୍ଶ ଦେଇଛନ୍ତି। ବୁଧବାର ଥାନା ଛକସ୍ଥିତ ଭାଜପା ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କଂଗ୍ରେସ ଓ ବିଜେଡିର ବହୁ କର୍ମୀଙ୍କୁ ଭାଜପା ଗେରୁଆ ଟୋପି ଓ ଉତ୍ତରୀୟ ସମ୍ମାନ ପୂର୍ବକ ଦେଇ ଦଳରେ ସାମିଲ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ସଂଯୋଜକ କ୍ୟାପଟେନ ଅଶୋକ କୁମାର ଦାସଙ୍କ ପୌରୋହିତ୍ୟରେ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ ପଣ୍ଡା, ପ୍ରାର୍ଥୀ ଆଶିଷ କୁମାର ପାତ୍ର, ବରିଷ୍ଠ ନେତା ସୁନୀଲ କର, ସଞ୍ଜୀବ କୁମାର ସାହୁ, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ଭବଶଙ୍କର ମହାନ୍ତି, ଅମଳେନ୍ଦୁ ଦାସ, ନୀଳକଣ୍ଠ ଘୋଷ, ସନ୍ତୋଷ ଗିରି, ସୁଭାଷ ଚାନ୍ଦ, ଦିଲୀପ କାମିଲା, ମଣ୍ଡଳ ସଭାପତି ଗୋପାଳ ପଣ୍ଡା, ନନୀଗୋପାଳ ପାତ୍ର, ପରମାନନ୍ଦ ପରିଡା, ହରିହର ତ୍ରିପାଠୀ, ବ୍ରଜକିଶୋର ମହାନ୍ତି, ରୂପକ ଜେନା, କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସହ ବହୁ ଛାମୁଆ ନେତା ସାମିଲ ରହି ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ପାଇଁ ବିଜୟୀ ହେବୁ ବୋଲି ସୂଚନା ଦେଇଛନ୍ତି।

# ଖଇରାରେ କଂଗ୍ରେସର ମିଶ୍ରଣ ପର୍ବ

## ଜ୍ୟୋତିଙ୍କ ସମର୍ଥକଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ସାମିଲ


କଂଗ୍ରେସ ମିଶ୍ରଣ ପର୍ବରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର କର୍ମୀ।

ଖଇରା, ୮।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଅପରାହ୍ନରେ ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଦଳର ବହୁ ଟାଣୁଆ କର୍ମୀ ଥିବା ବେଳେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ବହୁ ସମର୍ଥକ ସାମିଲ ହେବା ସିମୁଳିଆ ରାଜନୈତିକ ସମୀକରଣକୁ ସରଗରମ କରିଛି। ଆୟୋଜିତ ମିଶ୍ରଣପର୍ବରେ ମହତୀପୁର, ସାରକୋଣା, ଝିଙ୍କିରିଆ, ସାରଡାଙ୍ଗ, ପଳସା, ଅମରିଆ-ଅଗ୍ନିପୁର, ବାଉଁଶଗଡିଆ, ଖଇରା, କୁପାରୀ,ହରିପୁର, ଶ୍ୟାମସୁନ୍ଦରପୁର, ନନ୍ଦୁର, କୁରୁଣ୍ଟା, ଡାଳଙ୍ଗ, ମାଖନପୁର, ଡୁଙ୍ଗୁରା,ସାରୁଗାଁ ସମେତ ଅଧିକାଂଶ ପଞ୍ଚାୟତରୁ ବହୁ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ଏନଏସୟୁଆଇର ସଭାପତି ବରେନ୍ଦ୍ର କୁଅଁର କହିଛନ୍ତି। କର୍ମୀ ଏସ୍.କେ. ଅଜିର, ପ୍ରଦୀପ ସେଠୀ, ବିଶ୍ୱରଞ୍ଜନ ସ୍ୱାଇଁ, ବିକାଶ ଶିଅଳ, ହିମାଂଶୁ ଲେଙ୍କା, ହରିଶ କୁମାର ସାହୁ, ଲମ୍ବୋଦର ରାଉତ, ହୃଷିକେଶ ବେହେରା, ଦୈତାରୀ ପଣ୍ଡା, ଦୀପ୍ତିରଞ୍ଜନ ବିଶ୍ୱାଳ ପ୍ରମୁଖ କହିଛନ୍ତି । ଉକ୍ତ ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ ସଭାପତି ଶରତ ଦାସ, ଯୁବସଭାପତି ନିରଞ୍ଜନ ପରିଡା, ଜିଲା ସମ୍ପାଦକ ପ୍ରଫୁଲ୍ଲ ସାହୁ, ଭାଗିରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ନଳକୂପ ଉପାଡ଼ିବାକୁ କେନ୍ଦ୍ର କରି ସଂଘର୍ଷ

ବାଲିଆପାଳ, ୮।୫(ଅମୂଲ୍ୟ କୁମାର ଦାସ)

ବସ୍ତା ଥାନା ଦରଡ଼ା ଗ୍ରାମରେ ସରକାରୀ ନଳକୂପ ଉପାଡ଼ିବାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାନୀୟ ଜଳ ପାଇଁ ଏହି ଗ୍ରାମର ନିମାଇଁ ଦାସଙ୍କ ଘର ନିକଟରେ ୫ବର୍ଷ ପୂର୍ବରୁ ଏକ ସରକାରୀ ନଳକୂପ ଖନନ ହୋଇଥିଲା। କିଛିଦିନ ପୂର୍ବରୁ ସ୍ଥାନୀୟ ସରପଞ୍ଚ ଏହି ନଳକୂପ ମରାମତି ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଉକ୍ତ ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇଥିବା ମିସ୍ତ୍ରୀ ପ୍ରକାଶ କରିଥିଲେ। ଗତ ମଙ୍ଗଳବାର ସରପଞ୍ଚ କିମ୍ବା କୌଣସି ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ ଗ୍ରାମର କିଛି ବ୍ୟକ୍ତି ଉକ୍ତ ସରକାରୀ ନଳକୂପ ଉପାଡ଼ି ବିକ୍ରି କରୁଥିବା ସରପଞ୍ଚ ଜାଣିବାକୁ ପାଇ ପହଞ୍ଚିଥିଲେ। ସରପଞ୍ଚ ଅମିତ୍ ବିଶ୍ୱାଳ ଏ ବିଷୟରେ ପ୍ରଶ୍ନ କରିବାରୁ ଗ୍ରାମର ଗୋଟିଏ ଗୋଷ୍ଠୀ ବିଶ୍ୱାଳଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ମାରପିଟ୍ ପାଇଁ ଯୋଜନା କରିଥିବା ବେଳେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ସରପଞ୍ଚଙ୍କ ସୁରକ୍ଷାରେ ବାହାରିଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗୋଷ୍ଠୀ ସଂଘର୍ଷ ରୂପ ନେଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଏକାଧିକ ଲୋକ ଆହତ ହୋଇଥିବା ବେଳେ ସମସ୍ତ ଆହତଙ୍କୁ ବସ୍ତା ଡାକ୍ତରଖାନାକୁ ପଠାଯାଇଥିଲା। ଏନେଇ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ବସ୍ତା ଥାନାରେ ପୃଥକ ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା କହିଛନ୍ତି।

# ହାତିମ ଶାହା ପୀରବାବାଙ୍କ ବାର୍ଷିକ ଉର୍ସ



ରୂପସା, ୮।୫(ବାଞ୍ଛାନିଧି ଦେ)

ରୂପସା ଥାନା ରାଉତପଡ଼ା ପଞ୍ଚାୟତ କାଛି ବସ୍ତି ଉର୍ସ କମିଟି ଆନୁକୂଲ୍ୟରେ ହାତିମ ଶାହା ପୀରବାବାଙ୍କ ବାର୍ଷିକ ଉର୍ସ ଦୁଇ ଦିନ ବ୍ୟାପୀ ପାଳିତ ହୋଇଛି। ବୁଧବାର ପୀରବାବାଙ୍କ ଫୁଲ ଚନ୍ଦନ, ଚାଦର ପୋଷୀ ଓ ତକରୀର ଅନୁଷ୍ଠିତ ହୋଇଥିଲା। ଲଛମନଖୁଣ୍ଟାରୁ ଗାଁ ଲୋକେ ଏକ ଶୋଭାଯାତ୍ରାରେ ବାବାଙ୍କ ଫୁଲ ଚାଦରକୁ ଆଣି ଗଡ଼ପଦା, ବାରାପାଳ ଗାଁ ପରିକ୍ରମା କରି କାଛି ବସ୍ତି ପୀରବାବାଙ୍କ ପୀଠରେ ଚଢ଼ାଇଥିଲେ। ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ମହିଳା, ପୁରୁଷ ବାବାଙ୍କଠାରେ ଧୂପ ଜାଳି ଭୋଗ ନୈବେଦ୍ୟ ଅର୍ପଣ ପୂର୍ବକ ଚାଦର ଚଢାଇ ଆଶିଷ ଲଭିଥିଲେ। ଗୁରୁବାର ରାତିରେ ଓଡିଶାର କୱାଲୀ ଗାୟକ ଆଜହାର ଚିସ୍ତି ଓ ଝାଡ଼ଖଣ୍ଡର କୱାଲୀ ଗାୟିକା ସାହିନ ସବା ନିଜ ନିଜ ସାଥୀ କଳାକାରଙ୍କ ସହିତ କୱାଲୀ ପରିବେଷଣ କରିଥିଲେ। ଉର୍ସ କମିଟି ସଭାପତି ମନସୁର ଶାହ, ସମ୍ପାଦକ ଯୁମନ ଖାନ, ସେକ ଅସିମ, ସେକ ରିଆଜ, ସେକ ନସିମ, ସେକ ସୁଲତାନ, ନସୁରୁଦ୍ଦିନ ଶାହ, ଆକବର ଶାହ ଓ ଅପସର ଶାହ ପ୍ରମୁଖ ଉର୍ସ ପରିଚାଳନା କରିଥିଲେ।

# ଭାଜପା ସୋସିଆଲ ମିଡିଆ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ କେନ୍ଦ୍ରୀୟ ପ୍ରଭାରୀ

ବାଲେଶ୍ୱର, ୮।୫(ମାନସ ବିଶ୍ୱାଳ)


ବୈଠକରେ କର୍ମୀଙ୍କ ଗହଣରେ କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର।

ବାଲେଶ୍ୱର ସହଦେବଖୁଣ୍ଟା ସ୍ଥିତ ମାହେଶ୍ୱରୀ ଭବନରେ କେନ୍ଦ୍ରୀୟ ପ୍ରଭାରୀ ମନୋରଞ୍ଜନ ମିଶ୍ର ଉପସ୍ଥିତ ରହି ଭାଜପାର ଜିଲା ସୋସିଆଲ ମିଡ଼ିଆରେ କାର୍ଯ୍ୟରତ କର୍ମୀମାନଙ୍କୁ ଚଳିତ ନିର୍ବାଚନରେ କିପରି ଭାବେ ସୋସିଆଲକୁ ବ୍ୟବହାର କରାଯାଇପାରିବ ସେନେଇ ଗୁରୁମନ୍ତ୍ର ଦେଇଥିଲେ।

ଚଳିତ ନିର୍ବାଚନରେ ପ୍ରଚାର ପ୍ରସାର ପାଇଁ ସୋସିଆଲ ମିଡିଆ ପ୍ରମୁଖ ମାଧ୍ୟମ ଅଟେ। ମୋଦୀ ସରକାରଙ୍କ ସମସ୍ତ ଜନହିତକର ଯୋଜନାକୁ ସୋସିଆଲ ମିଡ଼ିଆ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କେନ୍ଦ୍ରୀୟ ପ୍ରଭାରୀ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସୋସିଆଲ ମିଡିଆରେ ଦଳ ଆହୁରି ଜୋରଦାର ପ୍ରଚାର କରିବ। ବାଲେଶ୍ୱର ଲୋକସଭା କ୍ଷେତ୍ରରେ ପ୍ରତି ବିଧାନସଭା କ୍ଷେତ୍ରରୁ ୫୦ଜଣ ସାଇବର କର୍ମୀଙ୍କୁ ଏଥିରେ ସାମିଲ କରାଯାଇଛି। ଆୟୋଜିତ ବୈଠକରେ ବାଲେଶ୍ୱର ଲୋକସଭା କ୍ଷେତ୍ରର ସୋସିଆଲ ମିଡ଼ିଆ ସଂଯୋଜକ ଅରୂପ ଜେନା, ସଦର ସଂଯୋଜକ ପବନ କମିଲା, ରେମୁଣା ସଂଯୋଜକ ଅମର ରଣା ଓ ମାନସ ମହାନ୍ତି, ଜଳେଶ୍ୱରର ସଂଯୋଜକ ଅଞ୍ଜନ କୁମାର ଦାସ ଓ ସତ୍ୟବ୍ରତ ପଣ୍ଡା, ବସ୍ତାର ସଂଯୋଜକ ହରିଶଙ୍କର ଜେନା, ନୀଳଗିରିର ସଂଯୋଜକ ପଙ୍କଜ ପଣ୍ଡା, ବଡ଼ସାହିର ସଂଯୋଜକ ଜୀବନ ପଣ୍ଡା, ପ୍ରଦୀପ ମହନ୍ତ, ଭବାନୀଶଙ୍କର ସାହୁ, ଶାନ୍ତନୁ ପଣ୍ଡା, ଅନ୍ୟମାନଙ୍କ ମଧ୍ୟରେ ସରୋଜ ପରିଡ଼ା, ପ୍ରତାପ ଚନ୍ଦ୍ର ପ୍ରଧାନ, ଶେଖ ମୀରାଜ ଓ କାହ୍ନୁଚରଣ ମହାଳିକ ପ୍ରମୁଖ ଯୋଗଦେଇଥିଲେ।

# ଧୂଳି ପ୍ରଦୂଷଣରେ ଜନଜୀବନ ଅଣନିଃଶ୍ୱାସୀ

## ସ୍ଥାୟୀ ପ୍ରତିକାର ଦାବିରେ ରାସ୍ତା ଅବରୋଧ

ବାଲେଶ୍ୱର, ୮।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସଦର ଥାନା ଅଧୀନ ତାମୁଲିଆ ନିକଟସ୍ଥ ନୂତନ ପ୍ରତିରକ୍ଷା ରାସ୍ତାରେ ଏବେ ବେଆଇନ ଭାବେ ବାଲି ଗଦା କରାଯାଉଛି। ଫଳରେ ରାସ୍ତାରେ ଧୂଳି ଉଡି ସେହି ରାସ୍ତା ଦେଇ ଯାଉଥିବା ଲୋକେ ଅଣନିଃଶ୍ୱାସୀ ହୋଇପଡଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ମୋଟର ଯିବା ଆସିବା କରୁଥିବା ବେଳେ ଏଠାରେ ଧୂଳି ବାଲି ଉଡୁଛି। ଫଳରେ ମେଘଡ଼ମ୍ବରୁ ଅଞ୍ଚଳରେ ବସବାସ କରୁଥିବା ଲୋକେ ଖାଇବା ଠାରୁ ଆରମ୍ଭ କରି ଶୋଇବା ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ଦାବିରେ ମଙ୍ଗଳବାର ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି। ଏହି ଘଟଣାର ଉଚିତ୍ ତଦନ୍ତ କରି ଏହାର ସାମାଧାନ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

